ତହସିଲଦାରଙ୍କ କାର୍ଯ୍ୟାଳୟ, ନୂଆଗାଁ, ଜି - ନୟାଗଡ

ପତ୍ର ସଂଖ୍ୟା- ୩୪୧୮ ତା. ୧୨.୦୯.୨୦୨୨

ଲଘୁଖଣିଜ ଦ୍ରବ୍ୟ ଗୁଡିକର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ୍-୨୦୧୭ ଅନୁଯାୟୀ)

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ ଜିଲ୍ଲା ଅଧିନସ୍ଥ ନୂଆଗାଁ ତହସିଲ୍‌ରେ ଥିବା ଅନ୍ତର୍ଗତ ସାରଣୀ-୧ ଲିଖିତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସଗୁଡିକୁ ୦୫ (ପାଂଚ) ବର୍ଷିଆ ଦୀର୍ଘମିଆଦି ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ-**M** ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜାତର ତିନି(୩) ସେଟ୍ ଜଉମୁଦ ଲଫାଫାରେ ଆସନ୍ତା **ତା.୧୦.୧୦.୨୦୨୨**ରିଖ ଦିବା ୧୧ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ନୂଆଗାଁଙ୍କ କାର୍ଯ୍ୟାଳୟରେ ଥିବା **Drop Box** ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରା ଯିବନାହିଁ । ଏହି ଦରଖାସ୍ତ ଗୁଡିକ ସେହିଦିନ ଅପରାହ୍ନ ତିନି ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାଫା ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଜଉମୁଦ ଲଫାଫା ଦାଖଲ ଦେଲାବେଳେ ଏକ ନିର୍ଦ୍ଦିଷ୍ଟ ଲଫାଫାର ଉପର ଭାଗରେ ସୈରାତ ଉତ୍ସର ନାମ ଲେଖିବାକୁ ପଡିବ । ଦରଖାସ୍ତକାରୀ ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାଫାରେ ଦାଖଲ ଦେବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ, ତା ହେଲେ ଦ୍ୱିତୀୟ ଥର ପାଇଁ ତା ୧୨.୧୦.୨୦୨୨ ରିଖ ଦିନ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା **୧୪.୧୦.୨୦୨୨** ରିଖ ଦିବା ୧୧ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେଗୁଡିକ ତା **୧୨.୧୦.୨୦୨୨** ରିଖ ଦିନ ଅପରାହ୍ନ ୩ ଘଟିକା ସମୟରେ (୨ୟ ଥର ପାଇଁ) ଓ ତା **୧୪.୧୦.୨୦୨୨** ରିଖ ଦିନ ଅପରାହ୍ନ ୩ ଘଟିକା (୩ୟ ଥର ପାଇଁ) ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି ।

## ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ ।

୧. ଦରଖାସ୍ତ ଫିସ୍ ବାବଦକୁ ଟ. ୧୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ **(Non-refundable) In Head of Account-0853-Non-Ferrous Mining and Metallurgic Industries-102-Mineral concession Fees, Rents and Royalties).**

୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ, ରକବା ଓ କିସମ ର ସଠିକ ତଥ୍ୟ ଲେଖିବା ବିଧେୟ ।

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦେୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୪. **Rule 27 (iv) of OMMC Rules, 2016** ମୁତାବକ ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ, ତଦୁର୍ଦ୍ଧ ମୂଲ୍ୟର **(Bank Guarantee) / Solvancy Certificate** ଯାହାର ଅବଧି ପରବର୍ତି ୪୦ର ମାସ ବୈଦ୍ଧ ଥିବ ତାହା ଦାଖଲ କରିବେ । ଏଥି ସହିତ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବାବରଣି ପ୍ରଦାନ କରିବେ ।

୫. ଆବେଦନକାରୀ ଲିଖିତ **EMD** ମୂଲ୍ୟର **Bank Draft Tahasildar, Nuagaon and payable at SBI, Nayagarh**ଙ୍କ ନାମରେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରୀଙ୍କ **EMD** ଟଙ୍କା **ଉକ୍ତ** ଉତ୍ସ ବନ୍ଦୋବସ୍ତ ସ୍ଥିରିକୃତ ହେଲା ପରେ ଓ **ବ୍ୟକ୍ତି** ବିଶେଷଙ୍କଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

୬. ଫର୍ମ-**M** ରେ ଥିବା କ୍ରମିକ ନଂ – ୫ ରେ **Rate of Royality (per cubic metre)** ର ପରିବର୍ତେ **Rate of Additional charge (per cubic metre)** ଦର୍ଶାଇବେ ଏବଂ ଏହା ସମ୍ପୂର୍ଣ୍ଣ **ନିର୍ଭୁଲ** ଭାବେ ଦର୍ଶାଇବେ ।

୭. **Income Tax clearance** କିମ୍ବା ଗତ **Assesment Year**ର **IT return** ରନକଲ ଯଦି ଥାଏ, ଦାଖଲ କରିବେ । ଦରଖାସ୍ତକାରୀ **ଉପରୋକ୍ତ** କାଗଜାତ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ ।

୮. କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୯. ସମସ୍ତ ଦରଖାସ୍ତ କାରୀ **Odisha Minor Mineral Concession Rules 2016 and Odisha Minor Mineral Concession (Amendment) Rules 2017 & 2018** ର ସମସ୍ତ ସର୍ତାବଳୀକୁ ପାଳନ କରିବା ବିଧେୟ ।

ଏତଦ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତ କରାଯାଉଅଛି ।

୧. ଦରଖାସ୍ତକରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁଖଣିଜ ପଦାର୍ଥ **ପର୍ଯ୍ୟବେକ୍ଷଣ** କରି ଦରଖାସ୍ତ କରିବା ହେବେ ।

୨. ଚଳିତ ବର୍ଷରେ ପଥର ଉତ୍ସ ପାଇଁ ପଥର ର ପ୍ରତି ଘନ ମିଟର ପିଛା ରୟାଲିଟି ବାବଦ କୁ ୧୩୦ ଟଙ୍କା ଏବଂ ବାଲି ଓ ମୋରମ ଉତ୍ସ ପାଇଁ ବାଲି/ମୋରମ ର ରୟାଲିଟି ପ୍ରତି ଘନ ମିଟର ପିଚା ୩୫ ଟଙ୍କା ଧାର୍ଯ୍ୟ ଅଛି । ଏହା ଅପରିବର୍ତ୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ-୧ ର ସ୍ତମ୍ଭ - ୧୦ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁ ଯାୟୀ **Additional charge** ର ମୂଲ୍ୟ ବା ତଦୁର୍ଦ୍ଧ **quote** କରିବାକୁ ପଡିବ । କୌଣସି ପରିସ୍ଥିତିରେ **Additional charge** ର ନିର୍ଦ୍ଧାରିତ ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମପରିମାଣର **Additional charge** ଦାଖଲ ଦେଇଥାନ୍ତି ତା ହେଲେ ଏକା ଲଟେରି ମାଧମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ୭ (ସାତ)ଦିନ ମଧରେ ଫର୍ମ-**F** ଓ ମାଧମରେ ଏହି ବିଷୟରେ ଜଣାଇ ଦିଆ ଯିବ ଏବଂ ତାଙ୍କର ସହମତି ୧୫ (ପନ୍ଦର) ଦିନ ମଧରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

୩. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀମାନେ ସମାନୁପାତିକ ଭାବେ ବହନ କରିବେ । ନିମ୍ନଲିଖିତ ଉତ୍ସ ପାଇଁ ଉପ ଯୁକ୍ତ ପଦାଧିକାୀଙ୍କ ଠାରୁ **Mining Plan** ମଞ୍ଜୁରୀ ହୋଇଆସିଅଛି ଏହାର ଖର୍ଚ୍ଚ ବାବଦର ସରକାରୀ ଦେୟ ଯୋଗ୍ୟ ହିତାଧିକାରୀଙ୍କୁ ଦେବାକୁ ପଡିବ ଏବଂ ଏଥିସହ **Environment Clearance** ର ଖର୍ଚ୍ଚ ଓ ନିର୍ଦ୍ଧାରିତ **Security Deposit** ସବୁ ଯୋଗ୍ୟ ବିବେଚିତ ନିଲାମଧାରୀ ୧୦ ଦିନ ମଧରେ ନିଜେ **Environment Clearance SEIAA, Odisha** ଙ୍କ ପାଖରୁ ଅନୁମତି ଆଣିବେ ।

୪. ଏଥିସହ **Royalty, Dead Rent, Surface Rent** ଓ ଆଦିର ନିର୍ଦ୍ଧାରିତ ମୂଲ୍ୟ ଦାଖଲ କରିବା ହେବେ ଏବଂ ତିନି ସପ୍ତାହ ମଧରେ **Indian Registration Act & Stamp Act** ଅନୁସାରେ ନିମ୍ନ ସ୍ଵାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ଵାକ୍ଷର କରି **Nayagarh** ସ୍ଥିତ **Sub-Registrar Office** ରେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି ଦେୟ କରି ଚୁକ୍ତିନାମାଟିରେ ରେଜଷ୍ଟ୍ରେସନ କରାଇବେ । ଏହାବ୍ୟତୀତ **Income Tax** ବିବାଦକୁ ଟଙ୍କା ପୈଠ କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ ।

୫. ଯଦି ଲିଜଧାରୀଙ୍କର ରୟାଲିଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତରାଧୀକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରିପାରିବେ ।

୬. ଲିଜ୍ଧାରୀ ଧାର୍ଯ୍ୟ ହୋଇଥିବା ସମସ୍ତ ସରକାରୀ ଦେୟ ବର୍ଷଓ୍ୱାରୀ ୧୫ ଜାନୁୟାରୀ ସୁଦ୍ଧା ଅତ୍ର କାର୍ଯ୍ୟାଳୟରେ ଦାଖଲ କରିବେ । ଯଦି ଠିକ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସର୍ତାବଳୀ ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପରେ ସୁଯୋଗ ଦିଆଯିବ ।

୭. ହିସାବ ଅନୁଯାଇ ରୟାଲଟି ଏବଂ Additional Charge ର ୫% Odisha Envioronment Fund Trust, Bhubaneswar ବାବଦକୁ (Draft) ଆକାରରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ।

୮. ଆବେଦନକାରୀ ନୋଟିଫିକେଶନ ନଂ. S.O.190(E), Dt. 20.01.2016 Govt. of India, Ministry Envioronment Forest Climate Change ନିୟମାବଳୀ ଅନୁଯାଇ ଲିଜଧାରୀ ପରିବେଶ ସମ୍ବଧୀୟ

ଅନୁମତି ପାଇଁ ରୟାଲଟି ମୂଲ୍ୟର ଶତକଡା ୧୦% ପ୍ରତିଶତ District Mineral Foundation (DMF) Funds ରେ ପଇଠ କରିବେ ।

୯. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାଇ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ସୈରାତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

୧୦. ବାର୍ଷିକ ମୋଟ ଦେୟର ୨% ଲିଜଧାରୀ ଆୟକର (TDS) ଆକାରରେ ଟଙ୍କା ଜମା କରିବେ ।

୧୧. ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ

୧୨. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରକୃତିକ ବିପର୍ଯ୍ୟୟ ହେଲେ କର୍ତୃପକ୍ଷ ଦାଇ ରହିବେ ନାହିଁ ।

୧୩. ଚଳିତ ବର୍ଷ ର ଲଘୁ ଖଣିଜପଦାର୍ଥ ପାଇଁ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବେ ।

| | |
|---|---|
| 1 – Stone (per cubic metre) | Rs.130.00(Royalty+ Additional Charge |
| 2 – Sand & Murom (per cubic metre) | Rs.35.00(Royalty)+ Additional Charge |
| 3 – Surface Rent | Rs.360.00 |
| 4 – Dead Rent(per Hect.) | Rs.10,500.00 (For Sand & Murom) |
| 5 - Dead Rent(per Hect.) | Rs.18,000.00 (For Stone) |

୧୪. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି , ତାହେଲେ EMD/ସିକିଉରିଟି ଡିପୋଜିଟ ବାବଦକୁ ଥିବା ଦେୟ କୁ ବାଜ୍ୟାପ୍ତି କରାଯିବ ।

୧୫. ଲିଜ ଅବଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀଙ୍କୁ ବର୍ଦ୍ଧିତ ହାରରେ ରୟାଲଟି ପଇଠ କରିବାକୁ ହେବ।

୧୬. ଧାର୍ଯ୍ୟ ତାରିଖ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତୃପକ୍ଷ ଦାଇ ରହିବେ ନହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତୃପକ୍ଷ ନିଲାମ ପ୍ରକ୍ରିୟା କୁ ସ୍ଥଗିତ ବା ରଦ୍ଦ କରିପାରିବେ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜଧାରୀ Odisha Mineral Concession Rule 2016 ର ଉଲ୍ଲଂଘନ କରନ୍ତି ତାହେଲେ ଲିଜଧାରୀଙ୍କର ଲିଜକୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ।

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ - ୧ ରେ ବର୍ଣ୍ଣିତ ଅଛି

ତହସିଲଦାର, ନୂଆଗାଁ

ଜ୍ଞାପକ ସଂଖ୍ୟା· ୩୫୧୫ ତାରିଖ ୧୨-୦୮. ୨୦୨୨

ଏହାର ଏକକିତ ନକଲ ଜିଲ୍ଲାପାଳ, ନୟାଗଡ/ଉପ-ଜିଲ୍ଲାପାଳ,ନୟାଗଡ/ସମସ୍ତ ତହସିଲଦାର, ଜିଲ୍ଲା – ନୟାଗଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆଗାଁ / ସମସ୍ତ ରାଜସ୍ୱ ନେରିକ୍ଷକ, ନୂଆଗାଁଙ୍କ ଅବଗତି ତଥା ନୋଟିସ ବୋର୍ଡ ରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣା କରାଗଲା।

୧୨.୦୮.୨୦୨୨

ତହସିଲଦାର, ନୂଆଗାଁ

ଜ୍ଞାପକ ସଂଖ୍ୟା ୩୫୧୬ ତାରିଖ ୧୨-୦୮. ୨୦୨୨

ଏହାର ଏକକିତ ନକଲ ତହସିଲ କର୍ଯ୍ୟାଳୟ , ନୂଆଗାଁଙ୍କ ଅବଗତି ତଥା ନୋଟିସ ବୋର୍ଡ ରେ ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା।

୧୨.୦୮.୨୦୨୨

ତହସିଲଦାର, ନୂଆଗାଁ

ଜ୍ଞାପକ ସଂଖ୍ୟା ୩୫୧୭ ତାରିଖ ୧୨.୦୮, ୨୦୨୨

ଏହାର ଏକକିତ ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC), ନୟାଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ପଦର୍ଶତା କରିବା ନିମନ୍ତେ ଜଣାଇ ଦିଆଗଲା ।

୧୨.୦୮.୨୦୨୨

ତହସିଲଦାର, ନୂଆଗାଁ

FORM – M

Application for grant of Quarry Lease

[*See* rule 27(4)]

To

..........................................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................... years over............hectares of land in the area specified in the *Annexure-I* given below:-

2. A sum of Rs......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at.........................and a receipted challan bearing No............ dated... ....................is enclosed.

3. The required particulars are given below:-

i) An affidavit stating that no mining due payable under the Act and Rules made there under is outstanding against the applicant.

ii) Where land belongs to private persons, consent of all such persons for grant of quarry lease.

iii) Bank guarantee and list of immovable property from the Revenue Authority.

4. (i) Name and address of the applicant..............................................................

(ii) Nationality of the applicant..............................................................

(iii) Profession of the applicant..............................................................

(iv) Particulars of the areas, mineral wise, within the State for which the applicant or any person having joint interest with him..................................................

a) Already holds a quarry lease..................................................

b) Has already applied for a quarry lease but not granted ..........................

c) Being applied for simultaneously..................................................

d) Nature of joint interest, if any...................................................

(v) Means by which the minor minerals is/are to be raised, i.e. whether manual or mechanical......................

(vi) Manner in which the minor mineral raised to be utilized-

(a) For manufacture.........................

(b) For sale.........................................

(c) Any other purpose......................

(vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated...................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.........

Signature of the applicant

N.B: If the application is signed by an authorized agent of the applicant, the power of attorney should be attached.

## ନୂଆଗାଁ ତହସିଲ ଅଧିନରେ ଥିବା ସୈରାତ ଉସର ବିବରଣୀ ୧- ସାରଣୀ

| କ୍ରମିକ ସଂଖ୍ୟା | ସୈରାତ କେସ ନମ୍ବର | ସୈରାତ ଉସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ଏକରରେ) | ରୟାଲଟି ମୂଲ୍ୟର ପରିମାଣ (in Cum) | ଅତିରିକ୍ତ ଧାର୍ଯ୍ୟର ମୂଲ୍ୟ (in Cum) | MGQ per (in Cum) | Bank Guarantee or Solvency | EMD (in Rs.) | Interest free security Deposit (in Rs.) |
|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧ | ୦୧/୨୦୨୨ | ଗୁମୀ ବାଲି ଖଣି | ଗୁମୀ | ୧୪୧ | ୧୦୩ , ୮୨୩, ୯୬୯ , ୧୩୧ | ନଦୀ | ଏ୧୨ ୫୩. | ୩୫୦୦. | ୧୫୦୦. | 4300 | Addl. Charge Offered+ Royalty Rs.35x4300mgq | 10,750/- | 10,000/- |
| ୨ | ୦୫/୨୦୨୨ | ସୋରଡା ମୋରମ ଖଣି | ସୋରଡା | ୩୨୦ | ୧୬୩୫ | ଗୋଚର | ଏ୦୬୦. | ୩୫୦୦. | ୧୫୦୦. | 1800 | Addl. Charge Offered+ Royalty Rs.35x1800mgq | 4,500/- | 10,000/- |
| ୩ | ୦୬/୨୦୨୨ | ବାହାଡାଝୋଲା ବାଲି ଖଣି | ବାହାଡାଝୋଲା | ୮୮୩ | ୧୮୭୪,୨୨୯୭, ୨୨୯୮,୨୨୦୧ | ନାଳ | ଏ୯.୧୫ | ୩୫.୦୦ | ୧୫.୦୦ | 3683 | Addl. Charge Offered+ Royalty Rs.35x3683mgq | 9,208/- | 10,000/- |

ତହସିଲଦାର, ନୂଆଗାଁ